# ଗସ୍ତର ଏପାଖ ସେପାଖ

# ଯାଜପୁର ମାଟିରେ ପ୍ରଥମ ରାଷ୍ଟ୍ରପତିଙ୍କ ପାଦ





**ଯାଜପୁର, ୩।୨ (ସମିସ):** ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ କୌଣସି ରାଷ୍ଟ୍ରପତିଙ୍କ ମା' ବିରଜାଙ୍କ ଭୂମି ଯାଜପୁରରେ ଆଜି ପଡ଼ିଥିଲା ପାଦ। ସେଥିପାଇଁ ଜିଲ୍ଲାବାସୀ ସେତିକି ଉତ୍ସାହିତ ଥିଲେ ପ୍ରଶାସନ ମଧ୍ୟ ସେତିକି ତତ୍ପର ଥିଲା। ରାଷ୍ଟ୍ରପତିଙ୍କ ଏହି ପ୍ରଥମ ଗସ୍ତରେ ଯେପରି ଭୁଲଭାଲ୍ ନ ହୁଏ, ସେ ନେଇ ପୂରା ନଜର ରଖିଥିଲା ପ୍ରଶାସନ। ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ଆୟୋଜନ କରାଯାଇଥିଲା। ହେଲିପ୍ୟାଡରୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ମା' ବିରଜାଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବଡ଼ ବଡ଼ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନର ସବୁ ଅଧିକାରୀ କାର୍ଯ୍ୟକ୍ରମ ଉପରେ କଡ଼ା ନଜର ରଖିଥିଲେ। ରାସ୍ତାର ଉଭୟ ପାଶ୍ୱର୍ରେ ବହୁ ଜନସାଧାରଣ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ରାସ୍ତାର ଉଭୟ ପାଶ୍ୱର୍ରେ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ।





## ବର୍ଷକୁ ଥରେ ଏମିତି ଆସନ୍ତେ କି...

ରାଷ୍ଟ୍ରପତିଙ୍କ ଏହି ଗସ୍ତ ପାଇଁ ମା' ବିରଜା ମନ୍ଦିର ସମେତ ଯାଜପୁର ସହରକୁ ସଜ୍ଜିତ କରାଯାଇଛି। ରାସ୍ତା ଘାଟ ମରାମତି ଠାରୁ ଆରମ୍ଭ କରି ମନ୍ଦିରର ନୂତନ ରଙ୍ଗ କାର୍ଯ୍ୟ କରାଯାଇଥିଲା। ମନ୍ଦିର ପରିସରରେ ଶହ ଶହ ଫୁଲ କୁଣ୍ଡ ରଖାଯିବା ସହିତ ମନ୍ଦିରକୁ ସଂପୂର୍ଣ୍ଣ ଭାବେ ଫୁଲ ଦ୍ୱାରା ଆଚ୍ଛାଦିତ କରାଯାଇଛି। ସବୁଆଡ଼େ ରେଡ୍ କାର୍ପେଟ ବିଛାଯାଇ ଏକ ନୂଆ ବାତାବରଣ ସୃଷ୍ଟି ହୋଇଛି। ଯାହାକୁ ଦେଖିବାକୁ ଜିଲ୍ଲାବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ସେଥିପାଇଁ ରାଷ୍ଟ୍ରପତି ଯାଜପୁରରୁ ବିଦାୟ ନେବା ପରେ ମା' ବିରଜା ମନ୍ଦିର ଭିତରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏହା ରାଷ୍ଟ୍ରପତିଙ୍କ ଭଳି ଜଣେ ଭିଭିଆଇପିଙ୍କ ପାଇଁ ସମ୍ଭବ ହୋଇଥିବାରୁ ଏଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ ହୁଅନ୍ତା କି କହି ଶ୍ରଦ୍ଧାଳୁମାନେ ମତ ଦେଉଥିବା ଦେଖିବାକୁ ମିଳିଥିଲା।

## ଉପହାରରେ ଟସର ଶାଢ଼ି ଓ କାଇଁଚ ପେଡ଼ିରେ ବୁଦ୍ଧମୂର୍ତ୍ତି

ରାଷ୍ଟ୍ରପତିଙ୍କୁ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି ଜିଲ୍ଲାର ସମୃଦ୍ଧ ହସ୍ତଶିଳ୍ପ ନିର୍ମିତ ଏବଂ ସଂସ୍କୃତି-ଐତିହ୍ୟ ବିଜଡ଼ିତ ଉପହାର। ଜିଲ୍ଲାର ପରିଚିତ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରି ଓ ଉଦୟଗିରିର ସ୍ମାରକ ବହନ କରୁଥିବା କମନୀୟ ବୁଦ୍ଧମୂର୍ତ୍ତି ରାଷ୍ଟ୍ରପତିଙ୍କୁ ଉପହାର ଆକାରରେ ପ୍ରଦାନ କରାଯାଇଛି। ୧୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ଧ୍ୟାନୀମୂର୍ତ୍ତିଟି ବଉଳମାଳ ପଥରରେ ନିର୍ମିତ। ଏହାକୁ ବଡ଼ଚଣା ବ୍ଲକ ପଲାଇ ଗ୍ରାମର ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ସୁଶାନ୍ତ କୁମାର ଦାସ ଗଢ଼ିଛନ୍ତି। ବିରଜା ମନ୍ଦିରରେ ପୂଜାର୍ଚ୍ଚନା ସରିବା ପରେ ରାଷ୍ଟ୍ରପତିଙ୍କୁ ଏହା ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ବିରଜା ମନ୍ଦିରର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରଦାନ କରିଥିଲେ। ସେହିପରି ରାଷ୍ଟ୍ରପତିଙ୍କୁ ରସୁଲପୁର ବ୍ଲକ ଅନ୍ତର୍ଗତ ଚକ-ଗୋପାଳପୁର ଗ୍ରାମର ମହିଳା କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ସୁନ୍ଦର ଟସର ଶାଢ଼ି ଉପହାର ଆକାରରେ ଦିଆଯାଇଛି। ଗ୍ରାମର ମା' ସିଂହବାହିନୀ ଟସର ହସ୍ତତନ୍ତ୍ର ଉତ୍ପାଦିକା ଗୋଷ୍ଠୀର ମହିଳା କାରିଗରମାନେ ଟସର ନିର୍ମିତ କୋଣାର୍କ ମନ୍ଦିର ଶୈଳୀରେ ଏହି ସୁନ୍ଦର ହାତବୁଣା ଶାଢ଼ି ବୁଣିଛନ୍ତି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅନ୍ତିଆ ଗ୍ରାମର ମା' କୋହ୍ଲେଇଶୁଣୀ କାଇଁଚ ଉତ୍ପାଦିକା ସଂଘର ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କାଇଁଚ ସାମଗ୍ରୀରୁ ତିଆରି ହେଉଛି ସୁନ୍ଦର ସୁନ୍ଦର ବାସ୍କେଟର ପେଡ଼ି, ମ୍ୟାଟ୍ ଓ ଅଫିସ ଏବଂ ଘରସଜାରେ ଲାଗୁଥିବା ବିଭିନ୍ନ ଗୃହ ଉପକରଣ ସାମଗ୍ରୀ। ପରିବେଶ ଉପଯୋଗୀ ଏହି ସାମଗ୍ରୀର ସାଂସ୍କୃତିକ ପରିଚୟ ପାଇଁ ଏହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ଅନ୍ତିଆ ଗ୍ରାମର ମା' କୋହ୍ଲେଇଶୁଣୀ କାଇଁଚ ଶିଳ୍ପ ଉତ୍ପାଦିକା ଗୋଷ୍ଠୀ ପକ୍ଷରୁ ସରସ୍ୱତୀ ଓଝା ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସୁନ୍ଦର ପେଡ଼ିରେ ଟସର ଶାଢ଼ି ଉପହାର ଦିଆଯାଇଥିଲା।

## ରାଷ୍ଟ୍ରପତି ଭବନ ଆସିବାକୁ ନିମନ୍ତ୍ରଣ

ନାଭିଗୟାରେ ପିଣ୍ଡଦାନ କାର୍ଯ୍ୟ ସରିବା ପରେ ବ୍ରାହ୍ମଣମାନଙ୍କ ସହିତ ରାଷ୍ଟ୍ରପତି ବିଭିନ୍ନ ଆଲୋଚନା କରିଥିଲେ। ଏହି ସମୟରେ ରାଷ୍ଟ୍ରପତି ବ୍ରାହ୍ମଣମାନଙ୍କୁ ନିଜ ରାଷ୍ଟ୍ରପତି ଭବନଙ୍କୁ ଯିବା ପାଇଁ ଆମନ୍ତ୍ରଣ କରିଥିଲେ। ରାଷ୍ଟ୍ରପତିଙ୍କ ଏଭଳି ନିମନ୍ତ୍ରଣ ପାଇ ସେବାୟତମାନେ ବେଶ ଖୁସି ଅନୁଭବ କରିଥିଲେ। ରାଷ୍ଟ୍ରପତିଙ୍କ ଏଭଳି ମନୋଭାବ ଓ ଚିନ୍ତାଧାରାରେ ଅଭିଭୂତ ହୋଇଥିଲେ ସେବାୟତ।

## ଗାଡ଼ିରୁ ଓହ୍ଲାଇ ଚାଲିରେ ରାଷ୍ଟ୍ରପତି

ମା' ବିରଜା ମନ୍ଦିରରୁ ପିଣ୍ଡଦାନ କରି ବାହାରିବା ପରେ ହେଲିପ୍ୟାଡ ଆଡକୁ ଅଗ୍ରସର ହେଉଥିବା ବେଳେ ନିଜ ଗାଡ଼ିରେ ବସିଥିଲେ। କିନ୍ତୁ ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ବଡ଼ି ଭୋରୁ ରାସ୍ତାର ଉଭୟ କଡ଼ରେ ହଜାର ହଜାର ଜନତା ଅପେକ୍ଷା କରିରହିଥିଲେ। ଏହାକୁ ଦେଖି ରାଷ୍ଟ୍ରପତି ଗାଡ଼ିରୁ ଓହ୍ଲାଇ ସିଧା ଲୋକଙ୍କ ପାଖକୁ ଯାଇ ଅଭିବାଦନ ଜଣାଇଥିଲେ। ରାସ୍ତାର କଡ଼େ କଡ଼େ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚାଲି ଚାଲି ସେ ସବୁକୁ ରାଷ୍ଟ୍ରପତି ଦେଖିଥିଲେ।

# ପ୍ରାଧ୍ୟାପକ ଭିକାରୀ ସାମଲଙ୍କୁ ସମ୍ବର୍ଦ୍ଧନା



**ଧର୍ମଶାଳା,୩।୨(ସମିସ):** ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଶଙ୍ଖାରିଡିହ ଗ୍ରାମର ପ୍ରାଧ୍ୟାପକ ଡ. ଭିକାରୀ ଚରଣ ସାମଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ସେ ରସୁଲପୁର ବ୍ଲକ କଲଣ ପଞ୍ଚାୟତ ମଧୁପୁର କଲେଜର ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଭାବରେ ଦୀର୍ଘଦିନ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରାଧ୍ୟାପକ ଶ୍ରୀ ସାମଲଙ୍କୁ କଲେଜ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦାୟୀ ପ୍ରାଧ୍ୟାପକଙ୍କୁ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରି ତାଙ୍କ ବାସଭବନକୁ ନିଆଯାଇଥିଲା। ଏହି ଅବସରରେ ଧର୍ମଶାଳା ପବ୍ଲିକ ସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୀର୍ତ୍ତନ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ତ୍ରିଲୋଚନ ରାଉତ, ଧର୍ମଶାଳା ପ୍ରେସକ୍ଲବ ସଭାପତି ପୂର୍ଣଚନ୍ଦ୍ର ଶତପଥି ଏବଂ ଉପଦେଷ୍ଟା ଇନ୍ଦ୍ରମଣି ନାୟକ, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଆଶାତରୁ ନାୟକ, ପୂର୍ବତନ ଅଧ୍ୟକ୍ଷ କୁଶଧର ପଣ୍ଡା, ଅନନ୍ତ ଚରଣ ମହାନ୍ତି, ଅଧ୍ୟାପକ ନୃସିଂହ ଚରଣ ନାୟକ, ବିନୟ କୁମାର ମହାନ୍ତି, ପ୍ରଦୀପ କୁମାର ସାହୁ, ରାମଚନ୍ଦ୍ର ସାହୁ ଓ ଭିକାରୀ ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରାଧ୍ୟାପକ ଶ୍ରୀ ସାମଲଙ୍କ ଶିକ୍ଷାଦାନ ପଦ୍ଧତି, ଛାତ୍ର ବତ୍ସଳତା, ସାଙ୍ଗଠନିକ ନେତୃତ୍ୱ, ଆଧ୍ୟାତ୍ମିକ ବିଚାର ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଧର୍ମଶାଳା ପବ୍ଲିକ ସ୍କୁଲ ସମେତ ବିଭିନ୍ନ ସ୍କୁଲ କଲେଜ ପକ୍ଷରୁ ଶ୍ରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧର୍ମଶାଳା ପ୍ରେସ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଧର୍ମଶାଳା ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଅଣ ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍କୁଲ ଅଧ୍ୟକ୍ଷ ସାବିତ୍ରୁ ନାରାୟଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବ୍ରାଉନସୁଗର ଜବତ; ବ୍ୟବସାୟୀ ଗିରଫ

**ଧର୍ମଶାଳା,୩।୨(ସମିସ):** ଧର୍ମଶାଳା ଓ ରସୁଲପୁର ଅବକାରୀ ବିଭାଗ ପକ୍ଷରୁ ଆଜି ମିଳିତ ଭାବେ ଚଢ଼ଉ କରି ୫୭ ଗ୍ରାମ ବ୍ରାଉନସୁଗର ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ପରେ ଉକ୍ତ ବ୍ୟବସାୟୀକୁ ୨୨୫/୨୬ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରଛି। ଯୁବକ ଜଣଙ୍କ ଧର୍ମଶାଳା ଥାନା ଅନ୍ତର୍ଗତ ଚହଟା ଅଞ୍ଚଳର ମହସୀମ ଖାଁ ବୋଲି ଜଣାପଡିଛି। ଧର୍ମଶାଳା ଅଞ୍ଚଳରେ ଦିନକୁ ଦିନ ଯୁବପିଢ଼ି ନିଶା କବଳରେ ପଡୁଥିବା ବେଳେ ମଙ୍ଗଳବାର ଦିନ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ଉ କରିଥିଲେ। ଗୋକର୍ଣ୍ଣେଶ୍ୱର ଠାରୁ ରମାପୁରକୁ ସଂଯୋଗ କରୁଥିବା ବନ୍ଧ ରାସ୍ତାରେ ଏକ ବାଇକ୍‌ରେ ଏହି ଯୁବକ ଜଣଙ୍କ ବ୍ରାଉନସୁଗାର ବ୍ୟବସାୟ କରୁଥିବା ସମୟରେ ଉକ୍ତ ବାଇକ୍ ସହ ଯୁବକ ଜଣଙ୍କୁ ଗିରଫ କରିଥିବା ଧର୍ମଶାଳା ଅବକାରୀ ବିଭାଗ ଅଧିକାରୀ ଶୁଭଶ୍ରୀ ଚକ୍ର ସୂଚନା ଦେଇଛନ୍ତି।

# ଜିନ୍ଦଲରେ ମହିଳା କ୍ରୀଡ଼ା ଆୟୋଜନ



**ଦାନଗଦି,୩।୨(ସମିସ):** ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ସାମାଜିକ ଦାୟିତ୍ୱ ବିଭାଗ ପକ୍ଷରୁ ତ୍ରିଜଙ୍ଗାର ଇଡ୍‌କୋ ଗ୍ରାଉଣ୍ଡରେ ବାର୍ଷିକ ମହିଳା କ୍ରୀଡ଼ା ମହୋତ୍ସବ ଆୟୋଜିତ ହୋଇଯାଇଛି। ଯାହା ମହିଳାମାନଙ୍କ ମଧ୍ୟରେ ସୁସ୍ଥତା, ସଶକ୍ତୀକରଣ ଏବଂ ସାମୁଦାୟିକ ବନ୍ଧନର ଭାବନାକୁ ପାଳନ କରିଥିଲା। ଦୁଇଦିନିଆ ମହୋତ୍ସବରେ ଜିନ୍ଦଲ ଦ୍ୱାରା ପରିଚାଳିତ ପାଞ୍ଚଟି ସିଲାଇ ଶିକ୍ଷାକେନ୍ଦ୍ର, ଦୁଇଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର, ଦୁଇଟି ପ୍ରୟୋଗିକ ଶିକ୍ଷାକେନ୍ଦ୍ର, ଅସ୍ମିତା ଉତ୍ପାଦନ କେନ୍ଦ୍ର ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନର କ୍ଷେତ୍ର କର୍ମଚାରୀଙ୍କ ପ୍ରତିନିଧିତ୍ୱରେ ୨୧୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ୧୦୦ ମିଟର ଦୌଡ଼, ଛୁଞ୍ଚି-ସୂତା ଦୌଡ଼, ଦୌଡ଼ି ଣ୍ଡିଆଁ, ସଂଗୀତ ଚେୟାର, କବାଡ଼ି ଏବଂ କ୍ରିକେଟ୍ ସମେତ ବିଭିନ୍ନ କ୍ରୀଡ଼ା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ବରିଷ୍ଠ ମହିଳା ଇଞ୍ଜିନିୟର ହେମାଙ୍ଗିନୀ ଦାସ, ପ୍ରୀତି ପଲ ଏବଂ ଦିବ୍ୟଶ୍ରୀ ନାଥ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ଏବଂ ଟ୍ରଫି ବଣ୍ଟନ କରିଥିଲେ। କବାଡ଼ି ପ୍ରତିଯୋଗିତାରେ ଅଲେଖପୁର ଆପ୍ଲିକ ସେଣ୍ଟର ବିଜେତା ହୋଇଥିଲା। ତା'ପରେ ଅସ୍ମିତା ମାନୁଫାକଚରିଂ ସେଣ୍ଟର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କ୍ରିକେଟରେ ଦାନଗଦିର ଜିତ୍ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ବିଜେତା ଟ୍ରଫି ନେଇଥିବା ବେଳେ ପେଣ୍ଟାସିସ୍ କମ୍ପ୍ୟୁଟର ସେଣ୍ଟର, ମାନତିରା ରନର୍ସ ହୋଇଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲର ସାମାଜିକ ଦାୟିତ୍ୱ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ।

# ନଦୀରେ ବୁଡ଼ି ଯୁବକ ମୃତ

**ବରୀ,୩।୨(ସମିସ):** ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ବାଲିବିଲ ନିକଟ ଅବସରପ୍ରାପ୍ତ ସୈନିକସଂଘ କାର୍ଯ୍ୟାଳୟ ସମ୍ମୁଖ ଖରସ୍ରୋତାର ଶାଖା ନଦୀ ଦୁଧେଇ ନାଳରେ ଜଣେ ଯୁବକ ବୁଡି ଯାଉଥିବା ଦେଖି ରାସ୍ତାରେ ଯାଉଥିବା ଜଣେ ଅଟୋ ଚାଳକ ଯୁବକକୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ। ମାତ୍ର ଅଟୋଚାଳକ ଯୁବକଙ୍କ ନିକଟରେ ପହଞ୍ଚିବା ପୁର୍ବରୁ ଯୁବକ ଜଣଙ୍କ ନଦୀରେ ବୁଡ଼ି ଯାଇଥିଲେ। ଉପସ୍ଥିତ ଲୋକେ ବରୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ମାତ୍ର ଅଗ୍ନିଶମ ବାହିନି ବିଳମ୍ବରେ ପହଞ୍ଚିବା ପରେ ଘଟଣାକୁ ମିଥ୍ୟା ବୋଲି କହି ତର୍ଜମା କରି ସମୟସାରି ଦେଇଥିଲେ। ପରେ ଯୁବକ ଜଣଙ୍କ ନଦୀରେ ବୁଡୁଥିବା ସମୟର ଭିଡିଓ ଦେଖିବା ପରେ ଅଗ୍ନିଶମ ବାହିନୀ ବୋଟ୍ ସହାୟତାରେ ଖୋଜାଖୋଜି ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ବରୀ ପୁଲିସ ପହଞ୍ଚି ଘଟଣାକୁ ଅନୁଧ୍ୟାନ କରୁଥିବା ବେଳେ ୧ ଘଣ୍ଟା ଖୋଜିବା ପରେ ଯୁବକଜଣଙ୍କୁ ଉଦ୍ଧାର କରିଥିଲେ। ଯୁବକଙ୍କୁ ଉଦ୍ଧାରକରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ସେଠାର ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ନଦୀରେ ବୁଡିଯାଇ ମୃତ୍ୟୁ ବରଣ କରିଥିବା ଯୁବକ ଜଣଙ୍କ ବରୀ ଥାନା ଅନ୍ତର୍ଗତ ଡିହବାରିଙ୍ଗି ଗ୍ରାମର ବିକ୍ରମ ରାଉତଙ୍କ ପୁଅ ସତ୍ୟଜିତ ରାଉତ (୨୬) ବୋଲି ଜଣାପଡ଼ିଛି। ସେପଟେ ବରୀ ପୁଲିସ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରୁଥିବା ସୂଚନା ମିଳିଛି।

# ଅଭିନବ ଉପାୟରେ ଠକେଇ ଉଦ୍ୟମ

**ଧର୍ମଶାଳା,୩।୨(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଏକ ମହିଳା ଔଷଧ ଦୋକାନୀ ଉପସ୍ଥିତ ବୁଦ୍ଧି ଯୋଗୁଁ ସାଇବର ଠକେଇ ଶିକାର ହେବାରୁ ରକ୍ଷା ପାଇଯାଇଛନ୍ତି। ସୂଚନା ମୁତାବକ ଗତକାଲି ଜାରକାସ୍ଥିତ ଏକ ଔଷଧ ଦୋକାନ ମାଲିକଙ୍କ ନିକଟକୁ ୭୬୮୪୦୯୦୨୦୭ ନମ୍ବରରୁ ଏକ କଲ୍ ଆସିଥିଲା। ତେବେ କଲ୍ ଉଠାଇବା ପରେ ମୁଁ ଜାରକାସ୍ଥିତ ରାଉତ ଔଷଧ ଦୋକାନରୁ କହୁଛି ବୋଲି କହିଥିଲେ। ସେ ଭୁବନେଶ୍ୱର ଆସିଛି କହିବା ସହ ଏଠାରେ ଏସି ଶସ୍ତାରେ ମିଳୁଛି ବୋଲି କହି ସେ ଚାରିଗୋଟି ଏସି ନେଇଛିନ୍ତି ବୋଲି କହିଥିଲେ। ତୁରନ୍ତ ତାଙ୍କ ଫୋନପେ'ରେ ଟଙ୍କା ପଠାଇବାକୁ କହିଥିଲେ। ଏହି ସମୟରେ ଉକ୍ତ ଦୋକାନ ମାଲିକଙ୍କ ସ୍ୱାମୀ କଲ ଧରିଥିଲେ। ଏସି ଆଣି ଦୋକାନରେ ପହଞ୍ଚାଇବା ପରେ ଟଙ୍କା ଦିଆଯିବ ବୋଲି କହିବାରୁ ସେ ଫୋନ କାଟି ଦେଇ ବ୍ଲକ କରିଦେଇଥିଲେ। ତେବେ ଜାରକାରେ ରାଉତ ଔଷଧ ଦୋକାନ କାହାର ବୋଲି କଲ୍ ଗ୍ରହଣ କରିଥିବା ଔଷଧ୍ ଦୋକାନୀ ଜାଣିନଥିବା ବେଳେ କିଏ କାହିଁକି ଏଭଳି ଠକେଇ କରିବାକୁ ଉଦ୍ୟମ କରିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ହେଲେ ଏ ସମ୍ପର୍କରେ ଔଷଧ ବ୍ୟବସାୟୀ ଜଣକ ଥାନାରେ ଅଭିଯୋଗ କରିନଥିବା ଜଣାପଡିଛି।

ସକାଳ THE SAKALA



www.sakalaepaper.com

# ୨୭ ବର୍ଷ ହେଲା ଭଡ଼ାଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର



■ ୧୭୩ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ
■ ଅଧପନ୍ତରିଆ ଅବସ୍ଥାରେ ପଡ଼ିଛି ୩୦ କେନ୍ଦ୍ର

ଅସୁରାଳି,୩।୨(ସମିସ): ଧାମନଗର ବ୍ଲକ୍‌ରେ ମୋଟ୍ ୩୫୩ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଥିମଧ୍ୟରୁ ମାତ୍ର ୧୭୧ କେନ୍ଦ୍ରର ନିଜସ୍ୱ ଗୃହ ଅଛି। ଆଉ ୯ କେନ୍ଦ୍ରର ନିର୍ମାଣ ନିକଟରେ ସରିଛି। କିନ୍ତୁ ଚାବି ହସ୍ତାନ୍ତର କରାଯାଇନାହିଁ। ଆଉ ବାକି ୧୭୩ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେଥିପାଇଁ କୋମଳମତି ଶିଶୁଙ୍କ ଶିକ୍ଷାରେ ସମସ୍ୟା ଉପୁଜିଛି। ୩୮ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଜାଗା ଚିହ୍ନଟ ହୋଇପାରି ନାହିଁ। ୩୦ଟି ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। କେବଳ ସେତିକି ନୁହେଁ, କେଉଁଠି ଭଡ଼ା ଘରେ ତ ଆଉ କେଉଁଠି ଗଛ ତଳେ ତ ଆଉ କେଉଁଠି ଖୋଲା ଆକାଶ ତଳେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ବେଳେବେଳେ ପିଲାମାନେ ରୋଗର ମଧ୍ୟ ଶିକାର ହୋଇଥାଆନ୍ତି। ପୁଣି ଖରା ଦିନେ ଖରାର ପ୍ରକୋପ, ବର୍ଷା ଦିନେ ବର୍ଷାର ବାରିଧାରା ଆଉ ଶୀତ ରତୁରେ ହାଡ଼ଭଙ୍ଗା ଶୀତରେ ଛୋଟ ଛୋଟ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଅସମ୍ଭବ ହୋଇଯାଉଛି। ବହୁ କେନ୍ଦ୍ରରେ ଏହା ଗମ୍ଭୀର ସମସ୍ୟା ରୂପେ ଉଭା ହୋଇଛି। ବିଶେଷ କରି ଗୋବିନ୍ଦପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଗତ ୨୭ ବର୍ଷ ହେଲା ନିଜସ୍ୱ ଗୃହ ନାହିଁ। ୧୯୯୯ ମସିହାରୁ ସ୍ଥାପିତ ଉକ୍ତ କେନ୍ଦ୍ରଟି ଚାଲିଛି ଭଡ଼ାଘରେ। ଯାହା ପିଲାମାନଙ୍କ ଉପରେ ଘୋର୍ ପ୍ରଭାବ ପକାଉଛି। ୨୨ ପିଲାଙ୍କ ପାଇଁ ଛାତ ନାହିଁ ଓ ବାହାରେ ରୋଷେଇ ହେଉଛି। ଏନେଇ ବାରମ୍ବାର ଅଭିଭାବକମାନେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ ଏହା ସଫଳ ହୋଇପାରି ନାହିଁ। ଏହି ପରିପ୍ରେକ୍ଷୀରେ ସି ଡି ପି ଓ ଦମୟନ୍ତୀ ଦେଇଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଉକ୍ତ ସମସ୍ୟାକୁ ତଦାରଖ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପ୍ରସ୍ତୁତି ବୈଠକ

ଧାମନଗର,୩।୨(ସମିସ): ଶ୍ରୀରାମ ମହାଯଜ୍ଞ ସମିତି ଧାମନଗର ପକ୍ଷରୁ ସୋମବାର ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଫଳ ଆୟୋଜନ ପାଇଁ ବିଧିବ୍ୟବସ୍ଥା, ସାଂସ୍କୃତିକ ରୂପରେଖ, ସୁରକ୍ଷା ଓ ଜନଭାଗିଦାରୀ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଧାମନଗର ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ତତ୍ତ୍ୱାବଧାନରେ ଓ ଧାମନଗର ଶ୍ରୀରାମ ମହାଯଜ୍ଞ ସମିତିର ଆହ୍ୱାନରେ ସମିତିର ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହୋତ୍ସବର ସମ୍ପୂର୍ଣ୍ଣ ରୂପରେଖ, କାର୍ଯ୍ୟକ୍ରମ ତାଲିକା ଓ ବିଭିନ୍ନ ପଞ୍ଚାୟତରୁ ମେଢ଼ ବାହାରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ପୂର୍ବରୁ ଚଳିତ ବର୍ଷ ମାର୍ଚ୍ଚ ୧୫




ତାରିଖରେ "ରନ୍ ଫର୍ ରାମ' ନାମରେ ଏକ ଗଣଦୌଡ଼ ଆୟୋଜନ କରାଯିବା ସହ ଛୋଟ ଛୋଟ ଶିଶୁମାନଙ୍କୁ ନେଇ ସାଇକଲ ଶୋଭାଯାତ୍ରା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଧାର୍ମିକ ଉତ୍ସାହ ଓ ପାରମ୍ପରିକ ରୀତିନୀତିକୁ ଉଜାଗର କରିବା ପାଇଁ ୧୦୦୧ କଳସ ଯାତ୍ରା ଆୟୋଜନ କରାଯିବ। ଏହି ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ୩ ଦିନ ପାଳନ କରାଯିବ ବୋଲି ସୂଚନା ମିଳିଛି। 'ରାମଙ୍କ କର୍ତ୍ତବ୍ୟ, ଆମର କର୍ତ୍ତବ୍ୟ' ବିଷୟବସ୍ତୁକୁ କେନ୍ଦ୍ର କରି ସାମାଜିକ ଓ ସାଂସ୍କୃତିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ସଭାରେ ସମ୍ମତି ଦିଆଯାଇଥିଲା। ବୈଠକରେ ମହେଶ୍ୱର ସ୍ୱାଇଁ, ଶଚିକାନ୍ତ ପଣ୍ଡା, ଚତୁର୍ଭୁଜ ନାୟକ, କୈଳାସ ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ଅଶୋକ ପୁହାଣ, ରଞ୍ଜିତା ସ୍ୱାଇଁ, ଦୀପ୍ତିରଞ୍ଜନ ଜେନା, ବୁଦ୍ଧଦେବ ଜେନା, ବିଦ୍ୟାଧର ରାଉତ, ଅରବିନ୍ଦ ପତି, ଅନିରୁଦ୍ଧ ସାହୁ, ରାମଚନ୍ଦ୍ର ମିଶ୍ର, ଅଜୟ ବଳ, ଦେବାଂଶୁ ରାଉତ, ବସନ୍ତ ରାଉତ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୌତୁକ ଜୁଇରେ ଗର୍ଭବତୀ ସୁଭଦ୍ରା

ଭଦ୍ରକ/ବନ୍ତ/ଆଗରପଡ଼ା,୩।୨(ସମିସ): ପୁଣି ଯୌତୁକ ଜୁଇରେ ଆଉ ଜଣେ ନବବଧୂ। ବିବାହ ପରେ ଅଧିକ ଯୌତୁକ ନ ଦେବାରୁ ନବବଧୂକୁ ହତ୍ୟା କରାଯାଇଥିବା ନେଇ ଏକ ସଙ୍ଗିନ ଅଭିଯୋଗ ଆସିଛି

**ଶାଶୂ ଗିରଫ; ସ୍ୱାମୀ, ଶଶୁର, ଦିଅର ଫେରାର୍**



ଭଦ୍ରକ ଜିଲ୍ଲା ଆଗରପଡ଼ା ଥାନା ଅଧୀନସ୍ଥ ଓଲଡା ଗ୍ରାମରୁ। ମୃତ ନବବଧୂ ହେଲେ ସୁଭଦ୍ରା ପଣ୍ଡା। ସେ ୩ ମାସର ଗର୍ଭବତୀ ଥିବା ମଧ୍ୟ ଜଣାପଡ଼ିଛି। ପୁଲିସ ଶାଶୂକୁ କୋର୍ଟ ଚାଲାଣ କରିଥିବାବେଳେ ସ୍ୱାମୀ, ଶଶୁର, ଦିଅର ଫେରାର୍ ଥିବା ଜଣାପଡ଼ିଛି।

ଭଦ୍ରକ ଜିଲ୍ଲା ଆଗରପଡ଼ା ଥାନା ଅନ୍ତର୍ଗତ ଆଡ଼ିଆ ପଞ୍ଚାୟତ ଓଲଡା ଗାଁର ସୁଦର୍ଶନ ପଣ୍ଡାଙ୍କ ପୁଅ ଜ୍ୟୋତିରଞ୍ଜନଙ୍କ ସହ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ବାଲୁଅ ଶାସନ ଗାଁର ସୁରେନ୍ଦ୍ର ପଣ୍ଡାଙ୍କ ଜ୍ୟେଷ୍ଠ କନ୍ୟା ସୁଭଦ୍ରା(୨୧)ଙ୍କର ୨୦୨୫ ମେ' ୯ ତାରିଖରେ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହବେଳେ ବରପକ୍ଷର ଦାବି ମୁତାବକ ଆବଶ୍ୟକୀୟ ଯୌତୁକ କନ୍ୟାଘର ପକ୍ଷରୁ ପ୍ରଦାନ କରାଯାଇଥିଲା। ବିବାହର କିଛିମାସ ପରେ ଆହୁରି ଅଧିକ ଲକ୍ଷେ ଟଙ୍କା ଆଣିବାକୁ ଦାବି କରି ଶଶୁର ଘର ଲୋକେ ସୁଭଦ୍ରାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ନିର୍ଯାତନାକୁ ସହି ନ ପାରି ସୁଭଦ୍ରା ବାପଘରକୁ ପଳାଇ ଆସୁଥିଲେ ଓ ପରେ ବୁଝାସୁଝା କରି ତାଙ୍କ ସମ୍ପର୍କୀୟମାନେ ଶଶୁର ଘରେ ଛାଡ଼ି ଆସୁଥିଲେ। ତେବେ ଗତ ସୋମବାର ସୁଭଦ୍ରାଙ୍କ ମୃତ୍ୟୁ ହୋଇଥିବା ନେଇ ବାପଘର ଲୋକେ ଖବର ପାଇଥିଲେ। ସେମାନେ ଆଗରପଡ଼ା ମେଡିକାଲରେ ପହଞ୍ଚିବା ବେଳକୁ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ମୃତଦେହକୁ ଛାଡ଼ି କେଉଁଆଡ଼େ ଫେରାର୍ ହୋଇଥିବା ଦେଖିବାକୁ ପାଇଥିଲେ। ଏପରିକି ସୁଭଦ୍ରାଙ୍କ ବେକରେ ଦାଗ ଥିବା ଦେଖିବାକୁ ପାଇଥିଲେ। ଝିଅକୁ ମାରି ଦିଆଯାଇଛି ବୋଲି ଅଭିଯୋଗ କରି ସୁଭଦ୍ରାଙ୍କ ମାଆ ତିଳୋତ୍ତମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାରେ ଏକ ମାମଲା ରୁଜୁ କରି ଶାଶୂ ନୟନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ୱାମୀ ଜ୍ୟୋତିରଞ୍ଜନ, ଦିଅର ତପନ, ଶଶୁର ସୁଦର୍ଶନ ଫେରାର୍ ଥିବାରୁ ଗିରଫ କରାଯାଇପାରି ନାହିଁ ବୋଲି ଥାନାଧିକାରୀ ସୁଜାତା ଖମାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୁଭଦ୍ରା ୩ ମାସର ଗର୍ଭବତୀ ଥିବା ଜଣାଯାଇଛି। ଶବକୁ ବ୍ୟବଛେଦ ପାଇଁ ପଠାଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ଦେଲେ କାର୍ଯ୍ୟାନୁଷ୍ଠାନ

ଭଦ୍ରକ,୩।୨(ସମିସ): ସୋସିଆଲ ମିଡିଆରେ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ସାମାଜିକ ସମନ୍ୱୟକୁ କ୍ଷତି ପହଞ୍ଚାଉଥିବା ଆପତ୍ତିଜନକ ମନ୍ତବ୍ୟ ଦେଉଥିଲେ ସାବଧାନ। ଏମିତି କଲେ ବାନ୍ଧିବ ଭଦ୍ରକ ପୁଲିସ। ଭଦ୍ରକ ପରି ଏକ ସମ୍ବେଦନଶୀଳ ଜିଲ୍ଲାରେ ସୋସିଆଲ ମିଡିଆରେ ଏବେ ଦିନକୁ ଦିନ ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ ବହୁମାତ୍ରାରେ ବଢ଼ିବାରେ ଲାଗିଛି। ଆଗକୁ ହୋଲି, ରାମନବମୀ, ଇଦ୍-ଉଲ୍-ଫିତର ପରି ଅନେକ ପର୍ବ ପାଳନ ହେବାକୁ ଥିବାବେଳେ ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ, ଫଟୋ, ଅଡିଓ, ଭିଡିଓ ଅପ୍‌ଲୋଡ ନ କରିବାକୁ ଭଦ୍ରକ ଏସ୍‌ପି ମନୋଜ ରାଉତ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାରେ ସାମାଜିକ ଗଣମାଧ୍ୟମ ଉପରେ ନଜର ରଖିବାକୁ ଭଦ୍ରକ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଯଦି ଏପରି ପୋଷ୍ଟ କେହି କରନ୍ତି ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଏସ୍‌ପି।

## ବିଦେଶୀ ମଦ ଜବତ; ଜଣେ ଗିରଫ

ବନ୍ତ/ଆଗରପଡ଼ା,୩।୨(ସମିସ): ଆଗରପଡ଼ା ଥାନା ଅନ୍ତର୍ଗତ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ କୁସୁନନଗର ଗାଁରେ ପୁଲିସ ପକ୍ଷରୁ ଅଚାନକ ଚଢ଼ଉ କରାଯାଇ ବେଆଇନ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ମୁତାବକ, କୁସୁନନଗର ଗ୍ରାମରେ ବେଆଇନ ମଦ କାରବାର ଚାଲିଥିବା ନେଇ ଆଗରପଡ଼ା ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଏହାପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗ୍ରାମର ଲକ୍ଷ୍ମୀଧର ଘଡ଼େଇଙ୍କ ଘରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ତାଙ୍କ ଘରୁ ପ୍ରାୟ ୧୦ ଲିଟର ୪୫୦ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଏହି ଚଢ଼ଉରେ ଆଗରପଡ଼ା ଥାନା ଏଏସ୍‌ଆଇ ସ୍ମୃତିରଞ୍ଜନ ମହାପାତ୍ର ଏବଂ ହାବିଲ୍‌ଦାର କରୁଣାକର ମୁର୍ମୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ସାମିଲ ହୋଇଥିଲା। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ୧୪ତମ ଭକ୍ତ ସମ୍ମିଳନୀ ପ୍ରସ୍ତୁତି ବୈଠକ

ବନ୍ତ/ଆଗରପଡ଼ା,୩।୨(ସମିସ): ବନ୍ତ ଗଣିଜାଙ୍ଗ ପଞ୍ଚାୟତ ତାରିଣୀ ଛକ ନିକଟ ପଡ଼ିଆରେ ଜଗତ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ୧୪ତମ ଭକ୍ତ ସମ୍ମିଳନୀ ଆସନ୍ତା ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ହେବାକୁ ଥିବା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମଦନ ମୋହନ ମହାନ୍ତି, ଦେବେନ୍ଦ୍ର ବେହେରା, ଶୁଭଙ୍କର ମହାପାତ୍ର, ବ୍ରହ୍ମା ଘଡ଼ାଇ, ପ୍ରଫୁଲ୍ଲ ପରିଡ଼ା, ଉଦୟନାଥ ସାହୁ, ପଦ୍ମନାଭ ନାୟକ, ବାବୁ ପ୍ରଧାନ, ସନ୍ତୋଷ ବେହେରା, ରାମ ଚନ୍ଦ୍ର ପଣ୍ଡା, ନାରାୟଣ ବାରିକ୍, ଅନିମା ରାଉତ, ସନାତନ ଜେନା, ଅନ୍ତର୍ଯ୍ୟାମୀ ପରିଡ଼ା, ନାରାୟଣ ଧଳ, ସତ୍ୟବ୍ରତ ପଣ୍ଡା, ନିରଞ୍ଜନ ନାୟକ, ନବୀନ ଘିଆ, ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କିପରି ସଫଳ ହେବ ଏ ବୈଠକରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାବାଜୀ ହରିଶଙ୍କର ଦାସ ମହାରାଜ, ବାବାଜୀ ଧର୍ମାନନ୍ଦ ଦାସ ମହାରାଜ, ବାବାଜୀ ଶ୍ୟାମ ସୁନ୍ଦର ଦାସ ମହାରାଜ, ବାବାଜୀ ଯୋଗାନନ୍ଦ ଦାସ ମହାରାଜ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଭଜନ ଓ ଜଣାଣ ତଥା ତପ ସାଧନା ସମ୍ପର୍କରେ ଆଲୋଚନା କରି ଭକ୍ତଙ୍କ ଜୀବନଚର୍ଯ୍ୟା ଓ ଲକ୍ଷ୍ୟ ବିଷୟରେ ଦୃଷ୍ଟି ଆକର୍ଷଣ କରାଇବେ।

## ଗୁରୁପୂଜନ ଓ ବନ୍ଧୁ ମିଳନ ସମାରୋହ



ଅସୁରାଳି,୩।୨(ସମିସ): ଧୂଷୁରୀ ପଞ୍ଚାୟତର ବ୍ରାହ୍ମଣପାଳ ବାହାରବିଲ ବିଦ୍ୟାଳୟର ୧୯୮୮ରୁ ୧୯୯୩ ମସିହା ପର୍ଯ୍ୟନ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ଗୁରୁପୂଜନ ଓ ବନ୍ଧୁ ମିଳନ ସମାରୋହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ତଥା ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତିଙ୍କ ସଞ୍ଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ତତ୍କାଳୀନ ଶିକ୍ଷକ ଓ ଛାତ୍ରଛାତ୍ରୀ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିବା ସହ ନିଜ ନିଜର ୩୩ ବର୍ଷର ଅନୁଭୂତି ବଖାଣିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ବାରିକ, ସୁଧାଂଶୁ ଶେଖର ପତି, ବଳରାମ ରାଉତ, ରବୀନ୍ଦ୍ର ବେହେରା, ସିନ୍ଧୁନାଥ ବେହେରା, ଧୀରାନନ୍ଦ ପତି, ଶିବପ୍ରସାଦ ନାୟକ, ପୀତାମ୍ବର ଦାସ, ସୁରେନ୍ଦ୍ର ରାଉତ, ମଦନମୋହନ ପତିଙ୍କ ସହ ଡିଆଇ ସଞ୍ଜୟ ଧଳ ଏବଂ ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ନବଘନ ନାୟକ, ସୁଦର୍ଶନ ବେହେରା ଓ ମାନସ ରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସ୍ନେହାଶିଷ କର, ବିଜୟାନନ୍ଦ ବେହେରା, ମିହିର ରାଉତ, ସୁଶାନ୍ତ ନାୟକ, ମନୋରଞ୍ଜନ ରାଉତ, ନିରଞ୍ଜନ ଦଳାଇ, ସୁଜିତ ରାଉତ, ସତ୍ୟପ୍ରକାଶ କର, ଅନୁରାଧା ନାୟକ, ଅନିତା ନନ୍ଦ, ରଶ୍ମିରେଖା ଦାସ ପ୍ରମୁଖ ଅତୀତର ଅନୁଭୂତିକୁ ସାଉଁଟିବାର ପ୍ରୟାସ କରିଥିଲେ ଏବଂ ସେହି ଅତୀତର ସ୍ମୃତି ଉଦେଶ୍ୟରେ ନିଜର ବକ୍ତବ୍ୟରେ ବଖାଣିଥିଲେ।

## ରାତ୍ରିକାଳୀନ କ୍ରିକେଟ: ତୁଳସୀପୁର ଚାମ୍ପିଅନ

ବାରିକପୁର,୩।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ପିରିପୁରଠାରେ ଆଇନ୍ ଷ୍ଟାଇନ୍ ସାଇନ୍ସ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ୬ ଓଭର ବିଶିଷ୍ଟ ରହିଥିବାବେଳେ ପ୍ରଥମେ ପର୍ବତୀ ବ୍ୟାଟିଂ କରି ୫୨ ରନ୍ ସଂଗ୍ରହ କରିଥିଲା। ଜବାବରେ ତୁଳସୀପୁର ନିର୍ଦ୍ଧାରିତ ଓଭରରେ ଆବଶ୍ୟକୀୟ ରନ୍ ସଂଗ୍ରହ କରି ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସମାଜସେବୀ ପ୍ରଦ୍ୟୁମ୍ନ ଜେନା, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତିଲତା ମହାନ୍ତି, ସମାଜସେବୀ ଲଳିତ ରାଉତ, ସୁଧାଂଶୁ ନାୟକ, ପ୍ରତ୍ୟୁଷ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସଦସ୍ୟ ପ୍ରଶାନ୍ତ ସେଠୀ, ଜୟଦେବ ରାଉତ, ହରିହର ସାହୁ, ବାଦଲ ସାହୁ, ସତ୍ୟବ୍ରତ ଦାସ, ବୃନ୍ଦାବନ ଜେନା, ଅବିନାଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ୮ରୁ ଆରମ୍ଭ ହେବ ୬ ଦିନିଆ ତିହିଡ଼ି ମହୋତ୍ସବ



ତିହିଡ଼ି,୩।୨(ସମିସ): ଆସନ୍ତା ୮ ତାରିଖଠାରୁ ଆରମ୍ଭ ହେବ ତିହିଡ଼ି ମହୋତ୍ସବ। ଚଳିତ ବର୍ଷ ଏହାର ୧୦ ବର୍ଷ ପୂର୍ତ୍ତି ହେଉଥିବା ଦୃଷ୍ଟିରୁ ଚଳିତ ବର୍ଷ ୫ ଦିନ ପରିବର୍ତ୍ତେ ୬ ଦିନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତିହିଡ଼ିର ସମସ୍ତ ସରକାରୀ ଅଧିକାରୀ, ବୁଦ୍ଧିଜୀବୀ ଓ ସାମ୍ବାଦିକଙ୍କୁ ନେଇ ଏକ ବୈଠକ ସୋମବାର ତିହିଡ଼ି କାଳୀପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅବନ୍ତୀ ଦାସ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପ୍ରଧାନଶିକ୍ଷକ ସମରେନ୍ଦ୍ରନାଥ ମିଶ୍ର, ଫାୟାର ଅଫିସର ସୁବାସ ରାଉତ ଉପସ୍ଥିତ ରହି ମହୋତ୍ସବକୁ ସଫଳ କରିବା ପାଇଁ ସେମାନେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବିଜେଡି ସଭାପତି ସୁରେନ୍ଦ୍ର କୁମାର ନାୟକ, କଂଗ୍ରେସ ସଭାପତି ସରୋଜ କୁମାର ଦାସ, ବିଜେପିର ବରିଷ୍ଠ ନେତା ରଘୁନାଥ ପାତ୍ର, ଫତେପୁର ସରପଞ୍ଚ ପ୍ରଦୀପ କୁମାର ବଳଙ୍କ ସମେତ ବହୁ ବୁଦ୍ଧିଜୀବୀ ସେମାନଙ୍କର ମତବ୍ୟକ୍ତ କରିଥିଲେ।

ପ୍ରତିବର୍ଷ ପରି ପ୍ରଥମ ଦିନ ମଶାଲ ଶୋଭାଯାତ୍ରା ପରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଡ. ବ୍ୟୋମମେଶ ରାୟ, ଅଶୋକ ଦାସ ପ୍ରମୁଖ ଉଦ୍‌ଘାଟନ ଉତ୍ସବରେ ଯୋଗଦେବେ। ସେହିପରି ବିଭିନ୍ନ ଦିବସରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷ ଯୋଗଦେବେ। ବିଶେଷ କରି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିଦିନ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା। କମିଟି ପକ୍ଷରୁ ଡ. ଲକ୍ଷ୍ମୀଧର ତ୍ରିପାଠୀ, ଚନ୍ଦ୍ରକାନ୍ତ ମହାନ୍ତି, ଧୀରେନ୍ଦ୍ର ସାହୁ, ଗିରିଜା ରମଣ ସାହୁ, ଅମୂଲ୍ୟ ସେନାପତି, କାହ୍ନୁଚରଣ ଶତପଥି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ସମାବେଶ

ଭଦ୍ରକ,୩।୨(ସମିସ): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘର ୩୫ତମ ବାର୍ଷିକ ସମାବେଶ ସ୍ଥାନୀୟ ବାଗୁରାଇସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଜିଲ୍ଲାର ବହୁ ସଂଖ୍ୟକ ଅବସରପ୍ରାପ୍ତ ସୈନିକ ସହ ତାଙ୍କ ପରିବାର ସଦସ୍ୟମାନେ ଯୋଗଦେଇଥିଲେ। ସମାବେଶର ସଭା ସଞ୍ଚାଳନ ଉପଦେଷ୍ଟା ମହେଶ୍ୱର ଦୀକ୍ଷିତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଅମର ଜ୍ୟୋତିରେ ପୁଷ୍ପାର୍ପଣ କରି ସହିଦ୍ ସୈନିକମାନଙ୍କ ସ୍ମୃତିରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାବେଶର ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଭେଟେରାନ ସଂଘର ସାଧାରଣ ସମ୍ପାଦକ ବିଦ୍ୟାଧର ନାୟକ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଅବସରପ୍ରାପ୍ତ ସୈନିକମାନଙ୍କ ସମସ୍ୟା, ସୁବିଧା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ସାହୁ ଓ ଇଂ କମାଣ୍ଡର ଦେବଜ୍ୟୋତି ତ୍ରୀପାଠୀ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଅଶୋକ ପାତ୍ର ସମସ୍ତ ପୂର୍ବତନ ସେନା ସଦସ୍ୟଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ପାଠ କରି ସଂଘର ବିଭିନ୍ନ କାର୍ଯ୍ୟକଳାପ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର ସୈନିକମାନଙ୍କ ପାଇଁ ଏକ ଗୃହ ନିର୍ମାଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ୧୦ ଲକ୍ଷ ଟଙ୍କା ଲେଖାଏଁ ୩ ବର୍ଷରେ ମୋଟ୍ ୩୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଚନ୍ଦା ଖାନ୍, ପ୍ରମୋଦ କୁମାର ପତ୍ରୀ, ଗୟାଧର ମାଝୀ, ଦେବାଶିଷ ରାୟ, ସମାଜସେବୀ ମଧୁସ୍ମିତା ଧୂପାଳ, ପ୍ରଦୀପ ପଣ୍ଡା ଓ କଣ୍ଠଶିଳ୍ପୀ କୁମାର ଗୌତମଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁକ୍ତିକାନ୍ତ ବ୍ରହ୍ମଚାରୀ, ଉତମ ଦାସ, ହେମନ୍ତ ମଲ୍ଲିକ, ବିରଞ୍ଚି ମହାରଣା, ହୃଷୀକେଶ ଷଡ଼ଙ୍ଗୀ, ଏମ୍.କେ. ମଣ୍ଡଳ, ରତିକାନ୍ତ ନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ। ସଭାପତି ରୋହିତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



● ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବା ମହଙ୍ଗା ପଡ଼ିଲା

# ୧୦ ମାସ ହେଲା କୃଷକସାଥୀଙ୍କ ମାସିକ ପ୍ରୋତ୍ସାହନ ରାଶି ବନ୍ଦ

ବନ୍ତ/ଆଗରପଡ଼ା,୩।୨(ସମିସ): ବନ୍ତ ବ୍ଲକ୍‌ର କୃଷକସାଥୀମାନେ ପୂର୍ବରୁ ଅନେକ କାରଣରୁ ବନ୍ତ କୃଷି ଅଧିକାରୀଙ୍କ ବିରୋଧରେ ଜିଲ୍ଲାପାଳ ଓ କୃଷି ବିଭାଗୀୟ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ। ସେଥିମଧ୍ୟରୁ କେତେଜଣ କୃଷକସାଥୀ ବନ୍ତ କୃଷି ଅଧିକାରୀଙ୍କ ବିରୋଧରେ ସୂଚନା ଅଧିକାରୀ ଆଇନ (ଆର୍‌ଟିଆଇ)ରେ ତଥ୍ୟ ମାଗିଥିଲେ। ଏହି କାରଣରୁ ନିର୍ଦ୍ଦିଷ୍ଟ କେତେଜଣ କୃଷକସାଥୀଙ୍କୁ ବ୍ଲକ୍ କୃଷି ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ୨୦୨୫ ଏପ୍ରିଲ ମାସଠାରୁ ଅଦ୍ୟାବଧି ଅର୍ଥାତ୍ ୧୦ ମାସ ହେଲା ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରୁନାହାନ୍ତି ବୋଲି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଭରତ ଚନ୍ଦ୍ର ପଣ୍ଡା, ପର୍ଶୁରାମ ପଣ୍ଡା, ରାଧାକୃଷ୍ଣ ଆଇଚ ପ୍ରମୁଖ ଅଭିଯୋଗ କରିଥିବା ଜଣାପଡ଼ିଛି।

ବ୍ଲକ୍ କୃଷି ଅଧିକାରୀ ହୋଇ ବନ୍ତ ବ୍ଲକ୍‌କୁ ଆସିବା ପରେ ପ୍ରଥମ ବୈଠକରେ କୃଷକସାଥୀଙ୍କ ନିଯୁକ୍ତି ଓ ବହିଷ୍କାର ସମ୍ବନ୍ଧରେ ସେ କହିଥିଲେ। କୃଷକସାଥୀ ଅଭିଯୋଗ କରିବାରୁ ପରବର୍ତ୍ତୀ ସମୟରେ କୃଷକସାଥୀ ସଂଘର ସମ୍ପାଦକ ରାଧାକୃଷ୍ଣ ଆଇଚ ଓ ସଭାପତି ପର୍ଶୁରାମ ପଣ୍ଡାଙ୍କୁ ମିଥ୍ୟା ଅଭିଯୋଗ ଆଧାରରେ ପଞ୍ଚାୟତ ସରପଞ୍ଚଙ୍କ ଦ୍ୱାରା ରିଜୋଲ୍ୟୁସନ୍ କରାଇ ସେମାନଙ୍କୁ କୃଷକସାଥୀରୁ ବାହାର କରିବାର ଯୋଜନା କରିଥିବା ଅଭିଯୋଗ ପତ୍ରରେ ମଧ୍ୟ ଦର୍ଶାଯାଇଥିବା ଜଣାପଡ଼ିଛି। ସରପଞ୍ଚ ଓ ବ୍ଲକ୍ କୃଷି ଅଧିକାରୀଙ୍କ ମିଳିତ ଉଦ୍ୟମରେ ୱାର୍ଡମେମ୍ବରଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରି ଏହି କାର୍ଯ୍ୟ କରାଯାଇଥିବା ନେଇ ଅଭିଯୋଗକାରୀ ଅଭିଯୋଗ ଆଣିଛନ୍ତି। ଯଦି ଏହିପରି ହୀନ ଚକ୍ରାନ୍ତ କରି କୃଷକସାଥୀଙ୍କୁ ବଳି ପକାଯାଏ ତେବେ ଆଗାମୀ ଦିନରେ ନ୍ୟାୟ ପାଇଁ ଲଢ଼େଇ କରାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି। କିଛି ମାସ ପୂର୍ବରୁ କୃଷକସାଥୀ ସଂଗଠନ ଅଭିଯୋଗ କରିଥିବା ସ୍ଥଳେ ନିର୍ଦ୍ଦିଷ୍ଟ କେତେଜଣ କୃଷକସାଥୀଙ୍କୁ ଅଯଥା ଦୋଷାରୋପ କରି ବାରମ୍ବାର ସ୍ପଷ୍ଟୀକରଣ ମାଗିଥିଲେ ବ୍ଲକ୍ କୃଷି ଅଧିକାରୀ। ପୂର୍ବରୁ ବକେୟା ପ୍ରୋତ୍ସାହନ ରାଶି ପ୍ରଦାନ କରିବା ନିମନ୍ତେ ବିଭାଗୀୟ ସଚିବ, ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଓ ବ୍ଲକ୍ କୃଷି ଅଧିକାରୀଙ୍କୁ ଏ ସମ୍ପର୍କରେ କୃଷକସାଥୀ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନେ ବାଧ୍ୟହୋଇ ଗତ ୨ ତାରିଖରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପୁନଃ ଅଭିଯୋଗ କରିଥିବା ଜଣାପଡ଼ିଛି।

# ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଦ୍ରକ,୩।୨(ସମିସ): ପିଲାମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ନିମନ୍ତେ କୈଶୋର ସମୟ ହିଁ ପ୍ରକୃଷ୍ଟ ସମୟ। ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ସହ ବିଦ୍ୟାର୍ଥୀଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ ଏକ ପ୍ରକୃଷ୍ଟ ମଞ୍ଚ। ପାଠପଢ଼ା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଅନ୍ୟମାନଙ୍କୁ ପ୍ରେରଣା ଦେଇଥାଏ ବୋଲି ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବାହ୍ନ ୧୦ଟାରେ ପ୍ରଧାନଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ସଭାପତିତ୍ୱ ଓ ଶିକ୍ଷକ ମନୋଜ ସାହୁଙ୍କ ସଂଯୋଜନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ସମାଜସେବୀ ତଥା ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଅଞ୍ଜନା ମିଶ୍ର ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦୈତାରୀ ମହାପାତ୍ର ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସବିତା ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ବିଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ୩ଟାରେ ଉଦ୍‌ଯାପନୀ ସଭାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ବିତରଣ କରିବା ଅବସରରେ ଜୀବନରେ ନିରହଙ୍କାର ଓ ବିନୟୀ ରହିବା ସହ ଦେଶ ଓ ଜାତି ପାଇଁ ସମର୍ପଣ ଭାବ ରଖିଲେ ଈଶ୍ୱରଙ୍କ ଆଶୀର୍ବାଦ ମିଳେ ବୋଲି ପିଲାମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ପାରିଷଦ ସୌଭାଗ୍ୟଲକ୍ଷ୍ମୀ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

### କଚ୍ଛପ ଗତିରେ ଚାଲିଛି ଧାନ କ୍ରୟ ବ୍ୟବସ୍ଥା

# ଚାଷ ଦୁଃଖଠାରୁ ବଳିଯାଉଛି ଧାନ ବିକ୍ରି ଦୁଃଖ

**ବାରିକପୁର, ୩।୨(ସମିସ)**



ଚଳିତ ବର୍ଷ ଧାନ ମଣ୍ଡି ଖୋଲିବା ବିଳମ୍ବିତ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରିନାହିଁ। ଫଳରେ ଟୋକନ ପାଇଥିବା ହଜାର ହଜାର ଚାଷୀ ଅଦ୍ୟାବଧି ଧାନ ବିକ୍ରୟରୁ ବଞ୍ଚିତ ହୋଇ ହନ୍ତସନ୍ତ ହେଉଛନ୍ତି। ଏ ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୧୬ଟି ମଣ୍ଡିରେ ଟ୍ରିପ୍ ଟ୍ରିପ୍ ଧାନ ଗଦା ହୋଇଥିଲେ ସୁଦ୍ଧା ମିଲର ଧାନ ନ ଉଠାଇବା ପ୍ରଶାସନିକ ଅପାରଗତାକୁ ପଦାରେ ପକାଇଛି।

ସୂଚନା ମୁତାବକ, ଆଦି ଶକ୍ତି ଏସ୍‌ଏଚ୍‌ଜି ମଣ୍ଡିରୁ ପ୍ରାଥମିକ ପର୍ଯ୍ୟାୟରେ ୭୪୬୯ କ୍ୱିଣ୍ଟାଲ ଧାନ ନେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ସେହିଭଳି ଆସ୍ଥା ମନ୍ତ୍ରବାସିନୀଠାରୁ ୬୮୭୦, ବାଲିପୋଖରୀ ସମିତିଠାରୁ ୮୩୦୩, ଜଳମଣ୍ଡୁଆ ସମିତିଠାରୁ ୧୪୪୫୬, ମା' ବଡ଼ମ୍ବା ଏସ୍‌ଏଚ୍‌ଜିଠାରୁ ୫୭୬୬, ମା' ଦୁର୍ଗା ଏସ୍‌ଏଚ୍‌ଜିଠାରୁ ୫୯୦୭, ମାଳଦା ସମିତିରୁ ୯୪୦୬, ନାଆମୀ ସମିତିରୁ ୧୨୪୧୨, ନାରାୟଣ ସମିତିରୁ ୯୫୯୫, ନେରଡ଼ା ସମିତିରୁ ୬୪୭୦, ମା' ଦୁର୍ଗା ଏସ୍‌ଏଚ୍‌ଜି(ଖ)ଠାରୁ ୫୦୦୩, ଓମ୍ ବାବାମଣି ଏସ୍‌ଏଚ୍‌ଜିଠାରୁ ୬୪୧୨, ରହଣିଆ ସମିତିଠାରୁ ୧୨୬୭୧, ଶକ୍ତିସ୍ୱରୂପା ଏସ୍‌ଏଚ୍‌ଜିଠାରୁ ୪୫୪୫, ଶିରିଡ଼ି ସାଇ ଏସ୍‌ଏଚ୍‌ଜିଠାରୁ ୮୭୮୪ ଓ ତେସିଙ୍ଗା ସମିତିଠାରୁ ୯୭୨୪ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମୋଟାମୋଟି ଭାବେ ବ୍ଲକ ଅଞ୍ଚଳରେ ପ୍ରାଥମିକ ପର୍ଯ୍ୟାୟରେ ୧୦ ହଜାର ୮୭୩ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ୩୩ ହଜାର ୭୯୩ କ୍ୱିଣ୍ଟାଲ ଧାନ କିଣା ହେବ ବୋଲି ବ୍ୟବସ୍ଥା ହୋଇଥିଲା। ପରିତାପର ବିଷୟ ଅଦ୍ୟାବଧି ମାତ୍ର ୪୧ ହଜାର ୪୯୮ କ୍ୱିଣ୍ଟାଲ ଧାନ ମଣ୍ଡିରୁ ଯାଇଥିବା ଜଣାପଡ଼ିଛି। ଦେଖିବାକୁ ଗଲେ ଲକ୍ଷ୍ୟ ଧାର୍ଯ୍ୟଠାରୁ ୫୦ ପ୍ରତିଶତ ଧାନ ଏଯାଏଁ କିଣା ହୋଇନାହିଁ। ପରିସ୍ଥିତି ଏଭଳି ହୋଇଛି ଯେ, କିଛି ମଣ୍ଡିରୁ ଦୁଇ ଚାରି ଖଣ୍ଡ ଟ୍ରକ୍ ଧାନ ନେଇ ଯିବା ପରେ ମିଲର ଆଉ ଧରାଛୁଆଁ ଦେଉନାହାନ୍ତି। ଏପଟେ ଦୈନିକ ମଣ୍ଡିକୁ ଦୌଡ଼ି ଦୌଡ଼ି ଚାଷୀ ନୟାନ୍ତ ହେଉଛନ୍ତି। ଚାଷ କରିବାଠାରୁ ମଣ୍ଡିରେ ଧାନ ବିକିବା ଦୁଃଖ ବଳିଯାଇଛି। ମଣ୍ଡିରେ ଧାନ ପକାଇ ପରିଚାଳକଙ୍କୁ କହିଲେ ସେମାନେ ମିଲର ଗାଡ଼ି ପଠାଉ ନ ଥିବା କହି ଚାଷୀଙ୍କୁ ସାନ୍ତ୍ୱନା ଦେଉଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀ ମଣ୍ଡି ପରିଦର୍ଶନ କରୁନାହାନ୍ତି। ମିଲର ଓ ପ୍ରଶାସନର ଭିତିରିଆ ସଲାସୁତରାରେ ଏଭଳି ହେଉଛି ବୋଲି ଆଲୋଚନା ଜୋର୍ ଧରିଛି। ଏପଟେ ଚାଷୀମାନେ ଏକ ଦୁଃଖଦ ପରିସ୍ଥିତି ଭିତରେ କାଳାତିପାତ କରୁଛନ୍ତି। ଧାନ କ୍ରୟ ବ୍ୟବସ୍ଥା କଚ୍ଛପ ଗତିରେ ଚାଲୁଥିବା ସ୍ପଷ୍ଟ ଜଣାପଡୁଥିବା ବେଳେ ପରିଚାଳନାରେ ସମ୍ପୃକ୍ତ ସରକାରୀ ବାବୁଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଛି। ସତେଯେମିତି ଲାଗୁଛି ମିଲର ଉପରେ କାହାର କର୍ତ୍ତୃତ୍ୱ ନାହିଁ। କେବଳ ଚାଷୀମାନେ ଯାହା ହଇରାଣ ହରକତ ହେବା ସାର ହେଉଛି।

## ମଣ୍ଡିରେ ଶ୍ରମିକ ଗୁରୁତର

**ବାରିକପୁର, ୩।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ସମବାୟ ସମିତି ମଣ୍ଡିରେ ଜଣେ ଶ୍ରମିକ ଗୁରୁତର ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ସୋମବାର ମଣ୍ଡିରେ ଧାନକ୍ରୟ ହେଉଥିଲା। ନବନିର୍ମିତ ମଣ୍ଡି ପିଣ୍ଡିକୁ ଲାଗି ଖଳାରେ ଶ୍ରମିକମାନେ ଧାନ ବସ୍ତା ଗଦା କରୁଥିଲେ। ଏହି ସମୟରେ ନିର୍ମାଣାଧୀନ ଖଳା ଦବିଯିବାରୁ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଉପରେ ଧାନ ବସ୍ତା ପଡ଼ିଯାଇଥିଲା। ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଶ୍ରମିକ କାହ୍ନୁଚରଣ ସେଠୀଙ୍କ ଗୋଡ଼ ଭାଙ୍ଗିଯାଇଥିବା ସୂଚନା ମିଳିଛି। ଆଣ୍ଠୁରେ ଗଭୀର ଆଘାତ ଲାଗିଥିବା କୁହାଯାଉଛି। ସେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଧାନ ଖଳା ଅତି ନିମ୍ନମାନର ନିର୍ମାଣ ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ମଣ୍ଡିରୁ ମିଲର ଉଠାଉନାହାନ୍ତି ଧାନ



**ଭଦ୍ରକ, ୩।୨(ସମିସ):** ଭଦ୍ରକ ଜିଲ୍ଲା ଧୂଷୁରୀ ସମବାୟ ସମିତି ମାଧ୍ୟମରେ ସରକାର ଧୂଷୁରୀର ଆଖପାଖ ପଞ୍ଚାୟତ-ନଦୀଗାଁ, ଭଟସାହି ଆଂଶିକ, ହାସନବାଦ, ସାହସପୁର ଓ ଧୂଷୁରୀ ଅଞ୍ଚଳର ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସିଥିବା ଟାର୍ଗେଟ୍ ୪୯୨୦ କ୍ୱିଣ୍ଟାଲ ଧାନ ମଧ୍ୟରୁ ମା' ରାଇସ୍ ମିଲ୍ ତାଙ୍କ କୋଟାର ୧୨୦୦ କ୍ୱିଣ୍ଟାଲ ଧାନ ଉଠାଣ କରିଛନ୍ତି। ସେହିଭଳି ଏଜିଏମ୍ ରାଇସ୍ ମିଲ୍ ତାଙ୍କ କୋଟାର ୪୦୦ କ୍ୱିଣ୍ଟାଲ ଧାନ ଉଠାଣ କରି ଆସୁନାହାନ୍ତି। ଏହି ସମସ୍ୟା ବିଷୟରେ ଧୂଷୁରୀ ସମବାୟ ସମିତିର ଧାନକ୍ରୟ ଅଧିକାରୀ ସୁଦର୍ଶନ ନାୟକଙ୍କୁ ପଚାରିବାରୁ ସେ କହିଲେ, ଧୂଷୁରୀ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପ ଆମେ ବ୍ୟବହାର କରିଛୁ ତାହା ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଯାଇଛି। ଧାନ ରଖିବା ପାଇଁ ଜାଗା ନାହିଁ, ଆମେ କେବଳ ଜାନୁଆରୀ ମାସରେ ୩, ୫ ଓ ୭ ତାରିଖର ମିଳିଥିବା ଟୋକନ୍‌ର ଧାନ ଉଠାଣ କରୁଛୁ। ତେବେ ମିଲର ସହଯୋଗ କରୁନାହାନ୍ତି, ଏହା ଫଳରେ ବହୁ ଚାଷୀ ଧାନ ରଖି ଜଗି ବସିଛନ୍ତି ବୋଲି କହିଛନ୍ତି। ନିକଟରେ ଜିଲ୍ଲାକୁ ଆସିଥିବା ଯୋଗାଣ ମନ୍ତ୍ରୀ ଜିଲ୍ଲାରେ ଧାନ କିଣାର ସମୀକ୍ଷା କେବଳ ଧର୍ମକୁ ଆଖିଠାର ଭଳି ଲାଗୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜାନୁଆରୀ ୭ ତାରିଖ ପରେ ଇସ୍ୟୁ ହୋଇଥିବା ଟୋକନର କେବେ ତାଙ୍କ ପାଳି ପଡ଼ିବ, ଏନେଇ ଚାଷୀମାନେ ଆଶଙ୍କାରେ ରହିଥିବା ଜଣାଯାଇଛି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ଭଦ୍ରକ, ୩।୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିର ବିଶିଷ୍ଟ ସମାଜସେବୀ, ସୁନାମଧନ୍ୟ ବ୍ୟବସାୟୀ, ଧର୍ମପ୍ରାଣ ଶ୍ରୀଧର ପ୍ରସାଦ ସାହୁଙ୍କ ୯ମ ସ୍ମୃତିଚାରଣ ସଭା ବରିଷ୍ଠ ନାଗରିକ ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଛି। ସାହିତ୍ୟିକ ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭଦ୍ରକ ଜିଲ୍ଲା ପରିଷଦର ପ୍ରାକ୍ତନ ସଭାପତି ଦ୍ୱିଜବର ରାଉତ, ମୁଖ୍ୟବକ୍ତା ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ସମ୍ମାନିତ ଅତିଥି ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମାଝୀ, ଶିକ୍ଷକ ନେତା ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, କମ୍ୟୁନିଷ୍ଟ ନେତା ପ୍ରଭାକର ବିଶ୍ୱାଳ, ସମାଜସେବୀ ବ୍ରଜସୁନ୍ଦର ମହାନ୍ତି, ପ୍ରଫୁଲ୍ଲ ସାହୁ, ସାମ୍ବାଦିକ ଅଶୋକ ପଣ୍ଡା, ଆଇନଜୀବୀ ପ୍ରଶାନ୍ତ ଦାଶ ପ୍ରମୁଖ ଯୋଗଦେଇ ଶ୍ରୀଧର ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଙ୍କ ଅମ୍ଳାନ ସ୍ମୃତି କୀର୍ତ୍ତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷକ ନେତା ଅମୂଲ୍ୟ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶ୍ରୀଧର ସାହୁଙ୍କ ସମ୍ପର୍କରେ ପ୍ରଫେସର ଶାନ୍ତନୁ କୁମାର ମହାନ୍ତିଙ୍କ ଲିଖିତ ବାର୍ତ୍ତା ପାଠ କରିଥିଲେ। ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରେସି କନ୍‌ଭେଣ୍ଟ ସ୍କୁଲର ବାର୍ଷିକ ଉତ୍ସବ



**ଭଦ୍ରକ, ୩।୨(ସମିସ):** ଭଦ୍ରକ ବ୍ଲକ ବନ୍ଦଗାଁସ୍ଥିତ ଅନ୍ୟତମ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ରେସି କନ୍‌ଭେଣ୍ଟ ସ୍କୁଲର ୧୮ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍କୁଲ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ପିଲାମାନେ କିପରି ଶୃଙ୍ଖଳିତ ହେବେ, ବାପା-ମାଆମାନେ ପିଲାଙ୍କୁ କିଭଳି ଉଚିତ୍ ଶିକ୍ଷା ପ୍ରଦାନ କରିବେ, ଆଉ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଏଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ବନ୍ଦଗାଁ ସରପଞ୍ଚ ନିରୋଦ ରାଉତ, ସମିତିସଭ୍ୟ ପ୍ରତିନିଧି ଚନ୍ଦ୍ରକାନ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ସ୍କୁଲର ଚେୟାରମ୍ୟାନ୍ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସ୍କୁଲରେ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ମେଳା, କ୍ରୀଡ଼ା ପ୍ରତିଯୋଗିତା, ଜିଲ୍ଲାର ମହକ କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ତରଫରୁ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା।

## 'ମୋ ସ୍କୁଲ ଅଭିଯାନ'କୁ ୫୦ ହଜାର ଟଙ୍କା ପ୍ରଦାନ



**ଭଦ୍ରକ, ୩।୨(ସମିସ):** ମହାମୁନି ଦୟାନିଧି ପରମହଂସ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୁବ ସମାଜସେବୀଙ୍କ ବଦାନ୍ୟତା। ବିଦ୍ୟାଳୟର 'ମୋ ସ୍କୁଲ ଅଭିଯାନ'କୁ ୫୦ ହଜାର ଟଙ୍କା ପ୍ରଦାନ କରିବା ସହ ପ୍ରତିବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି। ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନାଲଗୁଣ୍ଡା ପଞ୍ଚାୟତର ଇଟୁଆରେ ଅବସ୍ଥିତ ମହାମୁନି ଦୟାନିଧି ପରମହଂସ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୯୫ ମସିହାରେ ସ୍ଥାପିତ ହୋଇଥିଲା। କୌଣସି କାରଣବଶତଃ ବାର୍ଷିକ ଉତ୍ସବ ଆୟୋଜନ କରିବା ସମ୍ଭବ ହେଉ ନ ଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ରାଉତଙ୍କ ଉଦ୍ୟମ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କ ସହଯୋଗରେ ଚଳିତ ବର୍ଷ ବର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ନାଲଗୁଣ୍ଡାର ଯୁବ ସମାଜସେବୀ ଟୁନା ଦାସ ମହାମୁନି ଦୟାନିଧି ପରମହଂସ ଉଚ୍ଚ ବିଦ୍ୟାଳୟର 'ମୋ ସ୍କୁଲ ଅଭିଯାନ' ପାଣ୍ଠିକୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଏଥିସହିତ ଉକ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନଙ୍କ ମଧ୍ୟରେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଆମ ଅଞ୍ଚଳରେ ଥିବା ଏକମାତ୍ର ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବା ମୋର ଲକ୍ଷ୍ୟ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

### ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ବ୍ୟକ୍ତିତ୍ୱର ବିକାଶରେ ସମର୍ପଣ, ଯୋଜନା, ପ୍ରସ୍ତୁତି, ଧୈର୍ଯ୍ୟ ଓ ଦୃଢ଼ତା ଜରୁରୀ'




**ଅସୁରାଳି, ୩।୨(ସମିସ):** ବ୍ୟକ୍ତିତ୍ୱର ବିକାଶରେ ୫ଟି 'ପି' ଯଥା ପ୍ରେୟାର(ପ୍ରାର୍ଥନା ବା ସମର୍ପଣ), ପ୍ଲାନିଂ(ଯୋଜନା), ପ୍ରିପାରେସନ୍(ପ୍ରସ୍ତୁତି), ପେସେନ୍ସ( ଧୈର୍ଯ୍ୟ ବା ଆତ୍ମବିଶ୍ୱାସ ସହ କର୍ମ) ଓ ପ୍ରିଜର୍‌ଭେନ୍ସ(ଦୃଢ଼ତା ବା ସଫଳତାପ୍ରାପ୍ତି ପାଇଁ ନିଶ୍ଚିତତା) ନିତାନ୍ତ ଜରୁରୀ ବୋଲି ପାଳସାହି ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ-୨୦୨୬କୁ ଉଦ୍‌ଘାଟନ କରି ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତା ତଥା ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସ୍ତମ୍ଭକାର ଓ ଗୀତିକାର ଇଂ. ଅଭୟ ସୂତାର ମୁଖ୍ୟବକ୍ତା, ଭାରତୀୟ ଚିକିତ୍ସା ସଂଘ ଜିଲ୍ଲା ସଭାପତି ଡା. ହରେକୃଷ୍ଣ ନାୟକ ବିଶିଷ୍ଟ ଅତିଥି, ବାବାମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ ସାହୁ, ପଞ୍ଚସଖା ଶିକ୍ଷାସେତୁର ସଭାପତି ସୁଶାନ୍ତ ନାୟକ, ପାଳସାହି ସରପଞ୍ଚ ଅଜୟ ମଳିକ, ରଇପୁର ସରପଞ୍ଚ ଜଗତାନନ୍ଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଇପ୍ସିତା ବେହେରା ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ, ଅଧ୍ୟାପକ ଲକ୍ଷ୍ମୀଧର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଅଧ୍ୟାପିକା ଗାୟତ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲାବେଳେ ମନମୋହନ ତ୍ରିପାଠୀ ବେଦପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ପଦ୍ମିନୀ ନାୟକ, ଅଧ୍ୟାପିକା ଅଲିଭା ପ୍ରିୟଦର୍ଶିନୀ ଖିଲାର, ଅଧ୍ୟାପକ ସୋମନାଥ ମଲ୍ଲିକ, ଅଧ୍ୟାପକ ପ୍ରିୟଦୀପ ପରିଡ଼ା ଓ ଅଧ୍ୟାପକ ଲୋକନାଥ ସିଂ ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲାବେଳେ କ୍ରୀଡ଼ା ଶିକ୍ଷକ ଅନିଲ ରାଉତ, ଅଧ୍ୟାପିକା କଳ୍ପନା ମଞ୍ଜରୀ ଜେନା, ଅଧ୍ୟାପିକା ଆଶାଲତା ବିଶ୍ୱାଳ ଓ ଅଧ୍ୟାପିକା ପୟସ୍ୱତୀ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉତ୍ସବ ପରିଚାଳନା କରିଥିଲେ।

## ଭଦ୍ରକ ଲେଖିକା ସଂସଦର କବିତା ଆସର ଓ ପୁସ୍ତକ ଉନ୍ମୋଚନ



**ଭଦ୍ରକ, ୩।୨(ସମିସ):** ଭଦ୍ରକ ମହେନ୍ଦ୍ର ଭବନ ପରିସରରେ ଭଦ୍ରକ ଲେଖିକା ସଂସଦର କବିତା ଆସର ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ 'ଅଳ୍ପ ଶୀତ, ସ୍ୱଳ୍ପ ବସନ୍ତ' ଶୀର୍ଷକରେ ନୂଆ ଯୁଗ, ନୂଆ ସକାଳର ସମ୍ପାଦିକା କବି ଅବନ୍ତୀ ମଲ୍ଲିକ ସଭାପତିତ୍ୱ କରିଥିଲେ। ସଂଯୋଜିକା ଭାବେ କବୟିତ୍ରୀ ଉଷାରାଣୀ ଜେନା ଓ ରଶ୍ମିବାଳା ପରମାଣିକ ଯୋଗଦେଇଥିଲେ। କବିତାଗୁଡ଼ିକରେ ଋତୁ ପରିବର୍ତ୍ତନରେ ପ୍ରକୃତିର ବୈଚିତ୍ର୍ୟ କବି ମନରେ ଯେଉଁ ଭାବନା ସଞ୍ଚରିତ କରେ, ସେଗୁଡ଼ିକ ସୁନ୍ଦର ଭାବରେ ପ୍ରସ୍ଫୁଟିତ ହୋଇଥିଲା। ୨ୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ଅନୁଷ୍ଠାନର ସଭାପତି ଝରଣା ପଟ୍ଟନାୟକ। କବି ଉତ୍ପଳା ନାୟକଙ୍କ ମଞ୍ଚ ଆମନ୍ତ୍ରଣ ପରେ ବେଦପାଠ କରିଥିଲେ କବି ସରୋଜିନୀ ମହାପାତ୍ର। ଅଧ୍ୟାପିକା ଡ. ମମତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ପ୍ରଫେସର ଡ. ସୋମା ଚାନ୍ଦ। ସମ୍ପାଦିକା ଡ. କାନନ ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଆସରରେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ଓ ମୁଖ୍ୟ ଅତିଥି ଭାବରେ ସାହିତ୍ୟିକା ଡ. ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇଥିଲେ। ଡ. ସୋମା ଚାନ୍ଦଙ୍କ ଭଦ୍ରକର ଐତିହ୍ୟ ପୁସ୍ତକ ଓ କବି ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ହିନ୍ଦୀ କବିତା ପୁସ୍ତକ (ସଂଘମିତ୍ରା ରାଜଗୁରୁଙ୍କ ଦ୍ୱାରା ଅନୁଦିତ) ପୁସ୍ତକ 'ଫିର୍ ବର୍ଷା' ଉନ୍ମୋଚିତ ହୋଇଥିଲା। ତୃତୀୟ ଅଧିବେଶନରେ କବି ଗୀତାରାଣୀ ଆଇଚଙ୍କ ସଭାପତିତ୍ୱରେ ବହୁ କବିତାପାଠ କରାଯାଇଥିଲା। ଦୀପ୍ତିମୟୀ ସାହୁ କବିତାର ସଂଯୋଜନା କରିଥିଲେ। ସଂଯୁକ୍ତା ବଳ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ହତ୍ୟାକାଣ୍ଡର ୭ ଦିନ ପରେ ବି ହତ୍ୟାକାରୀଙ୍କୁ ଧରୁନି ପୁଲିସ

## ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ ପରିବାର




**ଭଦ୍ରକ, ୩।୨(ସମିସ):** ହତ୍ୟାର ୭ ଦିନ ପରେ ବି ପୁଲିସ ହାତ ଖାଲି। ହତ୍ୟାକାରୀଙ୍କୁ ଧରିବାରେ ପୁଲିସ ଅସମର୍ଥ। ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ମଙ୍ଗଳବାର ନ୍ୟାୟ ପାଇବା ନିମନ୍ତେ ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତ ପରିବାର।

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ପୀରହାଟ ଥାନା ଶ୍ୟାମସୁନ୍ଦର ଗାଁରେ ଗତ ଜାନୁଆରୀ ୨୮ ତାରିଖରେ ବିଜୟ ବେହେରା ନିଜ ପରିବାର ଲୋକଙ୍କ ସହ ଧାନ ପିଟୁଥିବାବେଳେ ସାମାନ୍ୟ ଧୂଳି ଉଡ଼ିବାକୁ ନେଇ ସେହି ଗ୍ରାମର କେତେକ ଲୋକ ବଚସା କରିବା ସହିତ ବିଜୟଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ବିଜୟଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ପରିବାର ଲୋକେ ପୀରହାଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି ସତ, ମାତ୍ର ଆଜି ପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ଯାହାକୁ ନେଇ ମୃତକଙ୍କ ବିଧବା ପତ୍ନୀ, ବୃଦ୍ଧ ବାପା-ମାଆ ଓ ଦୁଇ ଛୋଟ ଛୋଟ ଛୁଆଙ୍କୁ ଧରି ମଙ୍ଗଳବାର ମୃତ ବିଜୟଙ୍କ ପରିବାର ଏସ୍‌ପି କାର୍ଯ୍ୟାଳୟରେ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି। ପୁଲିସ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ମୃତକଙ୍କ ପତ୍ନୀ ସୁଜାତା ବେହେରା ଓ ପୁତୁରା ପ୍ରମୋଦ ବେହେରା ଦାବି କରିଛନ୍ତି।

## ଠାକୁର ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ ନିମନ୍ତେ ବୈଠକ

**ଅସୁରାଳି, ୩।୨(ସମିସ):** ଧାମନଗର ବ୍ଲକ କୋଠାର ସାରସ୍ୱତ ଆଶ୍ରମ ପରିସରରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ୪୪ତମ ଜିଲ୍ଲାସ୍ତରୀୟ ଭକ୍ତ ସମ୍ମିଳନୀ ଆସନ୍ତା ୧୧ ଓ ୧୨ ତାରିଖ ୨ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟଣ ପାଇଁ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀହରି ପାକଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମାଖନଲାଲ ଗୁପ୍ତା ସମ୍ମିଳନୀର ଆୟୋଜନ ଓ କାର୍ଯ୍ୟସୂଚୀ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ହରିହର ସାହୁ ଅତିଥି ଓ ଭକ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ଆନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ ଜିଲ୍ଲାର କୋଣ ଅନୁକୋଣରୁ ଶହଶହ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଭକ୍ତଙ୍କ ରହଣି, ଖାଦ୍ୟପେୟ ଏବଂ ଠାକୁରଙ୍କ ପୂଜାର୍ଚ୍ଚନାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା।

### ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ମନମାନୀରେ ଚାଲିଛି ରୋଗୀ ସେବା

**ବନ୍ତ/ଆଗରପଡ଼ା, ୩।୨(ସମିସ)**

ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହି ସବୁ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରାକାରୀ ନିୟମକୁ ପାଳନ କରାଯାଉ ନ ଥିବାରୁ ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନା ଜିଲ୍ଲାପାଳ କାହାକୁ ଦାୟୀ କରାଯିବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ବର୍ତ୍ତମାନ ଡାକ୍ତରଙ୍କ ମନମାନୀରେ ଚାଲୁଥିବା ଜଣାପଡ଼ିଛି। ଏହିପରି ସମସ୍ୟା ଲାଗି ରହିଥିବାରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କଲେ ମଧ୍ୟ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହା ସିଧାସଳଖ ପ୍ରଭାବ ରୋଗୀଙ୍କ ଉପରେ ପଡୁଥିବା ଜଣାପଡୁଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ଲକର ୨୫ଟି ପଞ୍ଚାୟତବାସୀଙ୍କ ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡିହୀ ଓ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଅଧିକାଂଶ ପଞ୍ଚାୟତବାସୀ ନିର୍ଭର କରିଥା'ନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବହିଃବିଭାଗରେ ପ୍ରତିଦିନ



ପାଖାପାଖି ୩୦୦ରୁ ୪୦୦ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ଆସୁଛନ୍ତି। ଏପରି ସ୍ଥଳେ ଡାକ୍ତର ସମସ୍ୟା ଯୋଗୁଁ ଏଠାରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତର ରୋଗୀ ସେବା କରୁଛନ୍ତି। ଉକ୍ତ ଡାକ୍ତର ଏଠାରେ ଦୀର୍ଘ ବର୍ଷ ଧରି (ପାଖାପାଖି ୧୧ ବର୍ଷ) ରୋଗୀ ସେବା କରି ଆସୁଥିବାରୁ ତାଙ୍କ ମନମାନୀରେ ସେବା ଯୋଗାଉଥିବା ଅଭିଯୋଗ ହେଉଛି, ଯେପରିକି ଧାର୍ଯ୍ୟ ସମୟଠାରୁ (ସକାଳ ୮ଟା ପରିବର୍ତ୍ତେ ଦିନ ପ୍ରାୟ ୧୧ଟା) ବହୁ ବିଳମ୍ବରେ କାର୍ଯ୍ୟରେ ଯୋଗଦେଉଥିବାରୁ ପରିସରରେ ରୋଗୀଙ୍କ ବହୁ ଭିଡ଼ ଲାଗିବା ସହ ବେଳେବେଳେ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜୁଥିବା ଜଣାପଡ଼ିଛି। ଉକ୍ତ ସମସ୍ୟାକୁ ନେଇ ଅଧିକାରୀଙ୍କଠାରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେ ବାରମ୍ବାର ଏହିପରି ଭୁଲ୍ କରି ଚାଲିଛନ୍ତି। ମଙ୍ଗଳବାର ଉକ୍ତ ଡାକ୍ତର ସକାଳ ୮ଟା ପରିବର୍ତ୍ତେ ଦିନ ୧୧ଟାରେ ଆସି ନିଜ କାର୍ଯ୍ୟରେ ଯୋଗ ଦେବା ବେଳକୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀଙ୍କ ଲମ୍ବା ଲାଇନ୍ ଲାଗିଥିବା ଦେଖିବାକୁ ମିଳିଥିଲା। ସେହିପରି ସରକାରୀ ନିୟମାନୁସାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ହୋଇ ଆୟୁର୍ବେଦିକ ମେଡିସିନକୁ ଅଗ୍ରାଧିକାର ଦେବା କଥା। କିନ୍ତୁ ଏଠାରେ ନିୟୋଜିତ ହୋଇଥିବା ଆୟୁଷ ଡାକ୍ତର ଆୟୁର୍ବେଦିକ ମେଡିସିନ ଲେଖିବା ପରିବର୍ତ୍ତେ ଏଲୋପାଥିକ ମେଡିସିନ ଲେଖୁଥିବାର ଅଭିଯୋଗ ମଧ୍ୟ ହେଉଛି। ସରକାରଙ୍କ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ବିଭାଗୀୟ ଅଧିକାରୀ ରୋଗୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଆବଶ୍ୟକୀୟ ଡାକ୍ତର ନିଯୁକ୍ତି ପାଇଁ ଚେଷ୍ଟିତ ହେବା ସହ ଏଠାରେ ନିଯୁକ୍ତ ଆୟୁଷ ଡାକ୍ତରଙ୍କ କାର୍ଯ୍ୟକଳାପ ପ୍ରତି କଡ଼ା ଦୃଷ୍ଟି ଦେବା ସହ ମନମାନୀରେ ରୋଗୀ ସେବା କରୁଥିବାରୁ ବିଭାଗୀୟ ଅଧିକାରୀ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଉକ୍ତ ସମସ୍ୟାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ରୋଗୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ବିଭିନ୍ନ ବିଭାଗର ୪ଜଣ ଡାକ୍ତରଙ୍କୁ ସେବା ପାଇଁ ନିୟୋଜିତ କରାଯାଇଥିଲା କିନ୍ତୁ ଉକ୍ତ ଡାକ୍ତର ନିର୍ଦ୍ଧାରିତ ସମୟରେ କାର୍ଯ୍ୟରେ ଯୋଗଦେଇ ନ ଥିବାରୁ ଏପରି ସମସ୍ୟା ଉପୁଜୁଥିବା ଜଣାପଡ଼ିଛି ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

- ୮ଟା ପରିବର୍ତ୍ତେ ୧୧ଟାରେ ଆସୁଛନ୍ତି ଡାକ୍ତର
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ୧୧ ବର୍ଷ ହେଲା ଆୟୁଷ ଡାକ୍ତର କରୁଛନ୍ତି ରୋଗୀ ସେବା

